**Odisha Bhaskar, Bhubaneswar, Sep 07 2012**

# ଟିସିଏସ ଆଇଟି କ୍ୱିଜ ୨୦୧୨
# ୟୁନିଟ୍-୮ ଡିଏଭି ସ୍କୁଲ ଚମ୍ପିଆନ

ଭୁବନେଶ୍ୱର,(ଆ.ପ୍ର): ସ୍ଥାନୀୟ ଜୟଦେବ ବିହାରସ୍ଥିତ ଏକ ହୋଟେଲରେ ଗୁରୁବାର ଆୟୋଜିତ ଦେଶର ଅନ୍ୟତମ ଶ୍ରେଷ୍ଠ ଆନ୍ତଃସ୍କୁଲ କ୍ୱିଜ ଟିସିଏସ୍ ଆଇଟି କ୍ୱିଜ ଭୁବନେଶ୍ୱର ସଂସ୍କରଣ କାର୍ଯ୍ୟକ୍ରମରେ ସ୍ଥାନୀୟ ଅନେକ ବିଦ୍ୟାଳୟର ମୋଟ ୧୩୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟ ଓ କଷ୍ଟକର ଚୂଡାନ୍ତ ପର୍ଯ୍ୟାୟରେ ୟୁନିଟ୍-୮ ଡିଏଭି



ପବ୍ଲିକ୍ ବିଦ୍ୟାଳୟର ଆୟୁସ କୁମାର ସିନ୍‌ହା ଓ ସମୀର ଶେକର ପାତ୍ର ବିଜେତା ହୋଇ ପୁରସ୍କାର ବାବଦକୁ ଟ୍ରଫି, ଗାଲାକ୍ସି ନୋଟ ପୁରସ୍କାର ଲାଭ କରିଥିଲେ । ସେହିପରି ବିଜେବି କନିଷ୍ଠ ମହାବିଦ୍ୟାଳୟର ଅବିନାଶ ପଲାଇ ଓ କୁମାର ଶୈଳେଶ ମିଶ୍ର ରନର୍ସ ଅପ ହୋଇ ଟ୍ରଫି ସହ ଗାଲାକ୍ସି ଟ୍ୟାବ୍ ପାଇଥିଲେ । ମୁଖ୍ୟ ଅତିଥି ଭାବେ ମଧୁସୂଦନ ପାଢ଼ୀ, କମିଶନର ସଚିବ, ସୂଚନା ଓ ପ୍ରଯୁକ୍ତି ବିଭାଗ ଏବଂ ଟିସିଏସ ଭୁବନେଶ୍ୱର ମୁଖ୍ୟ ମନୋଜ କୁମାର ପଣ୍ଡାଙ୍କ ସହ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।